## ଏମ୍‌ବିକେଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

**ପୋଲସରା, ୯ ।୨(ସମିସ):** ପୋଲସରା ବ୍ଲକ ମଧୁପଲ୍ଲୀ ପଞ୍ଚାୟତରେ ମିଶନ ଶକ୍ତି ଆଳରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଛି । ମିଶନ ଶକ୍ତି କର୍ମଚାରୀ ମଧୁପଲ୍ଲୀ ଏମ୍‌ବିକେ ବିଜ୍ଞାନୀ ପ୍ରଧାନଙ୍କ ବିରୋଧରେ ଏଭଳି ଅଭିଯୋଗ ହୋଇଛି । ଏନେଇ ଅଭିଯୋଗ ଶୁଣାଣିରେ ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀ, ମିଶନ ଶକ୍ତି ସଚିବ, ଗଞ୍ଜାମ ଜିଲ୍ଲାପାଳ ଓ ପିଡି ଡିଆର୍‌ଡିଏଙ୍କ ନିକଟକୁ ଗ୍ରାମବାସୀ ଅଭିଯୋଗ ପତ୍ର ଦେଇଛନ୍ତି । ଦୀର୍ଘଦିନ ଧରି ମଧୁପଲ୍ଲୀ ପଞ୍ଚାୟତରେ ମିଶନ ଶକ୍ତି ଜରିଆରେ ଗ୍ରାମର ପୋଖରୀ ପାର୍ଶ୍ୱରେ ନଡ଼ିଆ ଗଛ ଲଗାଇ ପାଇଁ ଆସିଥିବା ପଇସା ପ୍ରାୟ ୨୦ ରୁ ୨୫ ଲକ୍ଷ ଟଙ୍କାର ବାଟମାରଣା ଏବଂ ୪ ବର୍ଷ ହେବ ମିଶନ ଶକ୍ତି 'ଇସି' ସଦସ୍ୟଙ୍କ ଦରମା ନଦେବା ଓ ମିଶନ ଶକ୍ତି ଆଦର୍ଶ ଟ୍ରେନିଂ ପାଇଁ ସିଆରପି ଓ ଅନ୍ୟ ସଦସ୍ୟଙ୍କୁ କୌଣସି ପ୍ରଶିକ୍ଷଣ ନଦେଇ ଟଙ୍କା ଅମ୍‌ସାତ କରିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି । ଏନେଇ ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ କହିବା ହେଲା ଏହି ଅଭିଯୋଗ ପୂର୍ବରୁ ମଧ୍ୟ ଆସିଥିଲା ଏବଂ ଉକ୍ତ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଏକ କମିଟି ଗଠନ କରାଯାଇ ତଦନ୍ତ ଜାରି ରହିଛି । ଯାହା ଅଭିଯୋଗ ଆସିଛି ତାହା ପ୍ରଶାସନ ଗ୍ରହଣ କରି ଯଦି କୌଣସି ଭୁଲ ଥାଏ ତାହାହେଲେ ନିଶ୍ଚିତ ଉଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ସେହିପରି ସ୍ଥାନୀୟ ସରପଞ୍ଚ ବସନ୍ତ କରଣ ଘଟଣା ସମ୍ପର୍କରେ କିଛି ମନ୍ତବ୍ୟ ଦେବାକୁ ମନା କରିବା ସହ ଏହା ପ୍ରଶାସନର କାମ ବୋଲି କହିଥିଲେ । ସମ୍ପୃକ୍ତ ଏମ୍‌ବିକେ ବିଜ୍ଞାନୀ ପ୍ରଧାନ ଏଭଳି ଅଭିଯୋଗକୁ ଭିତ୍ତିହୀନ କହିବା ସହ ରାଜନୈତିକ ଚାପରେ ମୋ ବିରୋଧରେ ଚକ୍ରାନ୍ତ କରୁଥିବା କହିଥିଲେ । ଦୀର୍ଘ ଦିନ ଧରି ଅଭିଯୋଗ ଦେଇଆସୁଥିଲେ ମଧ୍ୟ ସେଭଳି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ ହେଉନଥିବାରୁ ଅତିଶୀଘ୍ର ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କୁ  ଦାବି ଜଣାଇବେ ବୋଲି ଗ୍ରାମବାସୀ କହିଛନ୍ତି ।

## ଦେଶ କର୍ମଚାରୀ ସେବା ସଂଘ ପକ୍ଷରୁ ସାହିତ୍ୟ ସେବା ଶିବିର

**ରମ୍ଭା, ୯ ।୨(ସମିସ):** ରମ୍ଭା ସହରର ଗାୟତ୍ରୀ ଶକ୍ତି ପୀଠ ପ୍ରଜ୍ଞା ଭବନରେ ଚଉଦ ଦେଶ କର୍ମଚାରୀ ସେବା ସଂଘ ପକ୍ଷରୁ ସାହିତ୍ୟ ସେବା ଶିବିର-୨୦୨୬ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ପ୍ରହଲ୍ଲାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଭୁବନେଶ୍ୱରର ଜ୍ଞାନାନନ୍ଦ ସାଗର କୁମାର, ସମ୍ମାନୀତ ଅତିଥି ଭାବେ ଚଉଦଦେଶ କୁଳ ମହାସଂଘ ଗଜପତି ନଗରରର ସଭାପତି ବ୍ରଜବନ୍ଧୁ ବେହେରା, ଉପଦେଷ୍ଟା ହଳଧର ବେହେରା, ସେବା ସଂଘର କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ମଲ୍ଲିକ, ଚକ୍ଷୁ ବିଶେଷଜ୍ଞ ପୁରୀ ତଥା ସାହିତ୍ୟିକ ଡ଼ା ରାଜେନ୍ଦ୍ର କୁମାର ବେହେରା, ବିକାଶମଞ୍ଚର ସଂପାଦକ ଅବନୀ ଗୟା, ମୁଖ୍ୟବକ୍ତା ଭାବେ ଆକାଂକ୍ଷା ପତ୍ରିକା ପାରଳାଖେମୁଣ୍ଡି ଗଜପତିର ସମ୍ପାଦିକା ମୀନା କୁମାରୀ ଟହଲ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟରେ ମା' କାଳିଜାଇ ଓ ଚିଲିକା ପ୍ରସଙ୍ଗରେ ଆଲୋକପାତ କରିଥିଲେ । ଗାୟକ ଶ୍ରୀଧର ବେହେରା ଓ ଦୁଷ୍ମନ୍ତ ବେହେରା ସେବା ଶୀର୍ଷକ ସଂଗୀତ ଗାନ କରିଥିଲେ । ଏହି ଅବସରରେ ସାହିତ୍ୟ ସେବା ଶିବିରର ମୁଖପତ୍ର୨୦୨୬ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା ।

### ବୃଦ୍ଧ ବାପାଙ୍କ କାନ୍ଧରେ ଭେଣ୍ଡିଆ ପୁଅର ବୋଝ

# ଭଙ୍ଗା ଘରେ ବିତୁଛି ଜୀବନ

**ଖଲ୍ଲିକୋଟ, ୯ ।୨(ସମିସ)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତର ଠେକୁଆପଲ୍ଲୀ ଗ୍ରାମର ଗୋଲେଖ ଦାସଙ୍କ ପୁଅ ବାଦଲ ଦାସ । ବାଦଲ ଦୀର୍ଘ ୧୦ ବର୍ଷ ହେଲା ଭଙ୍ଗା ଘର ଭିତରେ ଗୋଟିଏ ଜାଗାରେ ବସି ରହିଛନ୍ତି । ବାପା ଗୋଲେଖଙ୍କ ମଧ୍ୟ ମୁଣ୍ଡ ଠିକରେ କାମ କରୁନଥିବା ବେଳେ ୩୨ ବର୍ଷୀୟ ଭେଣ୍ଡିଆ ପୁଅର ବୋଝ ମୁଣ୍ଡାଇ ଚାଲିଛନ୍ତି । ମୂଲ ଲାଗିଲେ ଯାହା ମିଳେ ସେଥିରେ ବାପା ପୁଅ ଚଳନ୍ତି । ଗୋଲେଖଙ୍କ ସ୍ତ୍ରୀ ଦୀର୍ଘ ବର୍ଷ ହେଲା ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇ ପୁଅ କେବେଠାରୁ ଘର ଛାଡ଼ି କେଉଁଆଡେ ଚାଲିଯାଇଛନ୍ତି । ଭଙ୍ଗା ଦଦରା ଘରେ ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି ବାପା, ପୁଅ । ତେବେ ବାଦଲ ଆଗରୁ



ଭଲ ଥିଲେ କିନ୍ତୁ ମା'ଙ୍କ ମୃତ୍ୟୁ ପରେ ବୟସ ବଢିବା ସହ ଧିରେ ଧିରେ ସେ ନିଜର ମାନସିକ ଭାରସାମ୍ୟ ହରାଇଲେ ଆଉ ତା ପରଠାରୁ ସେ ଭଙ୍ଗା ଘର ଭିତରେ ଗୋଟିଏ ଜାଗାରେ ବସି ରହିଛନ୍ତି । ବାପାଙ୍କ ମାନସିକ ସ୍ଥିତି ଠିକ ନଥିବାରୁ ପଡିଶା ଘର ଦାଦା ଖୁଡି କିଛି ଦିନ ବାଦଲଙ୍କ ଚିକିତ୍ସା କଲେ । କିନ୍ତୁ ସେ ମଧ୍ୟ ଆର୍ଥିକ ସଙ୍କଟ ଯୋଗୁଁ ଆଉ ବାଦଲକୁ ଚିକିତ୍ସା କରାଇ ପାରିଲେ ନାହିଁ । ବାଦଲ ଯେଉଁ ଘରେ ବସି ରହିଛନ୍ତି ସେହି ଘରେ ନା ଅଛି କବାଟ ନା ସଫା ସୁତୁରା । ସେପଟେ ଟିଣ ଛପର ମଧ୍ୟ କଣା ହୋଇ ପାଣି ଗଳୁଛି । ଶୀତ ବର୍ଷା ଖରା ସେମିତି ବସି ରୁହନ୍ତି ବାଦଲ । ସେପଟେ ସାହି ବାସିନ୍ଦା କହିଛନ୍ତି ବାଦଲ କେତେବେଳେ ଘରୁ ବାହାରେ ସେ କେବେ ଦେଖିନାହାନ୍ତି । କେବଳ ବାପା ପୁଅଙ୍କୁ ରାସନ କାର୍ଡରେ ୧୦ କେଜି ଚାଉଳ ମିଳୁଛି । ତେଣୁ ବାଦଲଙ୍କ ଚିକିତ୍ସା ପାଁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ବାସିନ୍ଦା ମହରଗି ଦାସ, ସମ୍ପର୍କୀୟ ଦାଦା ନବଘନ ଦାସ, ବାଦଲଙ୍କ ଦାଦା ଜୟ ଦାସ, ଖୁଡି ମଞ୍ଜୁ ଦାସ ପ୍ରମୁଖ ଅନୁରୋଧ କରିଛନ୍ତି ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା

**ଗଞ୍ଜାମ, ୯ ।୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ବାବା ଝାଡେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୧୧ ଦିନ ବ୍ୟାପି ହେବାକୁ ଥିବା ଏହି ହରିହରାତ୍ମକ ମହାଯଜ୍ଞ ପାଇଁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ବରୋଦା ଗ୍ରାମ ନିକଟସ୍ଥ ପୁଣ୍ୟତୋୟା ଋଷିକୁଲ୍ୟା ନଦୀ କଂସାରୀ ଗଣ୍ଡରୁ ପୂର୍ଣ୍ଣକୁମ୍ଭ ମସ୍ତକରେ ଧାରଣ କରି ବାଦ୍ୟ ବାଜଣା ସହକାରେ ଯଜ୍ଞ ମଣ୍ଡପ ଅଭିମୁଖେ ଯାତ୍ରା କରିଥିଲେ । ପରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମର ୨୧ ଠାକୁରମାନଙ୍କ ହରି ହରାତ୍ମକ ମହାମିଳନ ହୋଇଥିଲା । ପଣ୍ଡିତ ଅଶୋକ ଶତପଥୀ ଓ ତୃମ୍ବନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ପାରମ୍ପରିକ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବୋରିଗାଁ, ବଳଦିଆଡିଅ, ଲୁଙ୍ଗୁରୀ, ପଣିବନ୍ଧ, କୁପଲ୍ଲୀ, ନୂଆ କୁଶପଲ୍ଲୀ, କାଠଗଡା, ଚୈତନ୍ୟପୁର ପ୍ରମୁଖ ଆଠ ଗୋଟି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଉକ୍ତ ମହାଯଜ୍ଞ ଆୟୋଜିତ ହେଉଛି । ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।

## ପୋକ୍ସୋ ଆଇନ ସଚେତନତା କାର୍ଯ୍ୟକ୍ରମ

**ଛତ୍ରପୁର, ୯ ।୨(ସମିସ):** ବିଦ୍ୟାର୍ଥୀଙ୍କୁ ସୁରକ୍ଷା ଏବଂ ସଶକ୍ତ କରିବା ପାଇଁ ଏକ ନୂତନ ପ୍ରତିବଦ୍ଧତାକୁ ନେଇ ଦି ନ୍ୟୁ ଏଜ୍ ୟୁରୋ ସ୍କୁଲ ପରିସରରେ ପ୍ରିନ୍ସପାଲ ତପସ୍ୱିନୀ ସାହୁଙ୍କ ପୌରହିତ୍ୟରେ ପୋକ୍ସୋ ଆଇନ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ ସୁରକ୍ଷାର ଗୁରୁତ୍ୱ ଏବଂ ଯୌନ ନିର୍ଯାତନା ରୋକିବା ନେଇ ଏହାର ମୁଖ୍ୟ ଲକ୍ଷ୍ୟ । ଏଥିରେ ଆଇନଜୀବୀ




ସୁରଜିତ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋକ୍ସୋ ଆଇନର ପ୍ରମୁଖ ଦିଗ ଗୁଡ଼ିକ ଏବଂ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ବ୍ୟକ୍ତିବିଶେଷଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଶିକ୍ଷୟତ୍ରୀ ଗ୍ଲୋରି ମୋସେସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ସମସ୍ତ ବିଦ୍ୟାର୍ଥୀ ମାନେ ଉପସ୍ଥିତ ରହି ଆଇନର ବିଭିନ୍ନ ଦିଗ ଉପରେ ପଚାରି ବୁଝିଥିଲେ ।

## ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

**ପୋଲସରା, ୯ ।୨(ସମିସ):** ପୋଲସରା ବ୍ଲକ ମଧୁପଲ୍ଲୀ ପଞ୍ଚାୟତରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଦୀପ୍ତିମୟୀ ପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଯୋଗଦେଇଥିଲେ । ଏଥିରେ ମୋଟ ୪୦ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା । ସେଥିମଧ୍ୟରୁ ୧୮ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ୮ଜଣଙ୍କୁ ରାସନ୍ କାର୍ଡ, ୧୦ଜଣଙ୍କୁ ଘରପଟ୍ଟା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବସନ୍ତ କରଣ, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା, ଏବିଡିଓ ସୋନମ୍ ବେହେରା, ସିଡିପିଓ ତିଳୋତ୍ତମା ରାଉତ, ବିଇଓ ଶ୍ରୀହର୍ଷ ବାବୁ ଖାଡେଙ୍ଗା, ପୋଲସରା ମେଡିକାଲ ଡାକ୍ତର ସୁଭ୍ରାମୟୀ ପାଢ଼ୀ, ପ୍ରଧାନ ଶିକ୍ଷକ ଲମ୍ବୋଦର ସାହୁ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୂପ ତ୍ରିପାଠୀ, ବ୍ଲକ ଯନ୍ତ୍ରୀ ପ୍ରଧାନ୍ତ ସାହୁ, କୃଷି ଅଧିକାରୀ ଗଣେଶ୍ୱର ସାହୁ, ବିଭିଓ ଡଃ ଭକ୍ତଚରଣ ଦଳାଇ, ଫିସରୀ ପ୍ରିୟବ୍ରତ ଦାସ, ବରିଷ୍ଠ ରାଜସ୍ୱ ସହାୟକ ଗିରିଜା ଶଙ୍କର ମିଶ୍ର, ସ୍ୱାସ୍ଥ୍ୟ କର୍ମୀ ପ୍ରିୟଦର୍ଶିନୀ ମହାପାତ୍ର, ପାୟଲ ସାହୁ ଓ ରାଜିବ ଲୋଚନ ସାହୁ, ବନପାଳ ମୁନା ଦାସ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ । ପିଇଓ ସଞ୍ଜୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଜନଶୁଣାଣି ଅଧିକାରୀ ଲିପ୍ସା ରାଣୀ ଭଞ୍ଜ, ଏଡିଓ ରବିନ୍ଦ୍ର ସାହୁ ସମେତ ଅଙ୍ଗନବାଡ଼ି କର୍ମୀ, ସିଆରପି, ଏମବିକେ ବ୍ଲକ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

**କୁକୁଡାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବନ୍ଧପଲ୍ଲୀ ପଞ୍ଚାୟତରେ ବିଡିଓ ଡ଼ ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି, ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ତୁରନ୍ତ ଏହାର ସମାଧାନ ନିମନ୍ତେ ପଦକ୍ଷେପ ଦେବାକୁ ପରାମର୍ଶ ଦେଇଥିଲେ । ତହସିଲଦାର ରାଜକିଶୋର ପଟ୍ଟନାୟକ, ବିଇଓ ସନ୍ତୋଷ କୁମାର ମହାପାତ୍ର, ସିଡିପିଓ କୁସୁମୀ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁରାଗ ରଥ, ସରପଞ୍ଚ କାମିନୀ ନାଏକ, ସମିତିସଭ୍ୟ ସୁନିତା ଦାସ, ସରପଞ୍ଚ ପ୍ରତିନିଧି ଟୁନା ନାଏକ, ନାଏବ ସରପଞ୍ଚ କୃଷ୍ଣ ସ୍ୱାଇଁଙ୍କ ସମେତ ସମସ୍ତ ୱାର୍ଡ ମେମ୍ବର ଏବଂ ବ୍ଲକ ପ୍ରଶାସନ ଅଧିକାରୀ ତଥା ସମସ୍ତ ଲାଇନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତି ରହି ଅଭିଯୋଗ ଶୁଣିଥିଲେ । ୧୧୩ ଗୋଟି ଅଭିଯୋଗ ଆସିଥିବା ବେଳେ ୨୦ଗୋଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିଲା । ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ କହିଛନ୍ତି ।

# ଜଗମୋହନରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

**ଧରାକୋଟ, ୯ ।୨(ସମିସ):** ଧରାକୋଟ ବ୍ଲକର ଜଗମୋହନ ଗାଁରେ ଚାଲିଥିବା ମା'ଠାକୁରାଣୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଶେଷ ଦିବସରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରମୋଦ କୁମାର ମହାରଣା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ଖେଳାଳି ତଥା ଆଇନଜୀବୀ ଦିଲୀପ ପାଣିଗ୍ରାହୀ, ତାରିଣୀ ସେନାପତି, ସମାଜସେବୀ ରାଜେନ୍ଦ୍ର ସାହୁ, ସଙ୍କୀର୍ତ୍ତନ ଗୁରୁ ରବୀନ୍ଦ୍ର ସାହୁ, ସମାଜସେବୀ ପ୍ରଦୀପ ସାହୁ, ଭଗବାନ ସାହୁ, ହେମନ୍ତ ରଥ, ଶିବ ବେହେରା, ରାମକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଡିଙ୍କିଶାଳ ଓ ଜଗନ୍ନାଥପୁର ଦଳ ମଧ୍ୟରେ  ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଡ଼ିଙ୍କିଶାଳ ଦଳ ୯୭ ପଏଣ୍ଟ ପାଇ ବିଜୟୀ ହୋଇଥିଲେ । ପୂର୍ବତନ ଚାମ୍ପିଅନ ରାମଚନ୍ଦ୍ର ସାହୁ ଓ  ରାମକୃଷ୍ଣ ଭଞ୍ଜ ରେଫରୀ ଦାୟିତ୍ୱ ନିର୍ବାହ



କରିଥିବାବେଳେ ଶିବ ପ୍ରସାଦ ସାହୁ ଓ ଲୋକନାଥ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଡ଼ିଙ୍କିଶାଳ ଦଳର ଶ୍ରେଷ୍ଠ ହିଟର ଭାବେ ଢ଼ାମଣା, ଶ୍ରେଷ୍ଠ ନେଟର ଭାବେ ଅଜିତ, ମ୍ୟାନ ଅଫ ଦି ମ୍ୟାଚ ଭାବେ ରାଜା ଏବଂ ଜଗନ୍ନାଥପୁର ଦଳର ଚନ୍ଦନ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ୟୁଥ୍ କ୍ଲବ୍ ସଦସ୍ୟ ବାଳକୃଷ୍ଣ ସାହୁ, ସୁନିଲ ସାହୁ, ବିବେକ ଦାସ, ଗଗନ ସାହୁ, କିଶୋର ସାହୁ, ମନୋଜ ସେଠୀ, ଲୋକନାଥ ସାହୁ, ଶିବ ଶଙ୍କର ସାହୁ, ସିଲୁ ବେହେରା, ବାବୁନା ଦାସ, ରାଜେଶ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଶ୍ରେଷ୍ଠ ଦର୍ଶକ ଭାବରେ ପ୍ରଶାନ୍ତ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା ।

# ହୋମଗାର୍ଡ ପଦବୀ ପାଇଁ ସନ୍ତରଣ ପରୀକ୍ଷା

**ଛତ୍ରପୁର, ୯ ।୨(ସମିସ):** ଗଞ୍ଜାମ ପୁଲିସ ଜିଲ୍ଲାରେ ହୋମଗାର୍ଡ ପରୀକ୍ଷା ଜୋରଦାର ଚାଲିଛି । ବିଭିନ୍ନ କ୍ଷେତ୍ରରେ ୧୩୫ଟି ପଦବୀ ରହିଥିବା ବେଳେ ୧୫୨୫ ଜଣ ପରୀକ୍ଷା ପାଇଁ ଚୟନ ହୋଇଛନ୍ତି । ପୂର୍ବରୁ କିଛି ପ୍ରାର୍ଥୀଙ୍କ ପରୀକ୍ଷା ସରିଥିବା ବେଳେ ବାକି ପ୍ରାର୍ଥୀଙ୍କ ପରୀକ୍ଷା ଚାଲିଛି । ଶନିବାର ୮୮ ପ୍ରାର୍ଥୀଙ୍କ ସନ୍ତରଣ ପରୀକ୍ଷା ହୋଇଥିଲା । ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ସମସ୍ତ ପରୀକ୍ଷା ପରିଚାଳିତ ହେଉଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଚିନ୍ମୟ ନାୟକ ପରୀକ୍ଷାର୍ଥୀଙ୍କୁ ବିଭିନ୍ନ କ୍ଷେତ୍ରରେ ତଦାରଖ କରୁଛନ୍ତି । ସେହିପରି ମେମ୍ବର-୧ ଭାବରେ ହୋମଗାର୍ଡ ଡିଏସ୍‌ପି କାଳୁଚରଣ ବେହେରା, ମେମ୍ବର-୨ ଆରକ୍ଷୀ ନିରୀକ୍ଷକ ବିକାଶ ସେନାପତି ଏବଂ ଆସିଷ୍ଟାଂଟ ଅଗ୍ନିଶମ ଅଧିକାରୀ ଧନଏୟ ମଲ୍ଲିକ ପରୀକ୍ଷାର୍ଥୀମାନଙ୍କ ବିଭିନ୍ନ ପରୀକ୍ଷାକୁ ତଦାରଖ କରୁଛନ୍ତି । ଗତ ୭ ତାରିଖରେ ୨୩୦ ଜଣ ସାଧାରଣ ବର୍ଗ ପରୀକ୍ଷାର୍ଥୀଙ୍କ ଲମ୍ବାଡିଆଁ, ୨୦୦ ମିଟର ଦୌଡ ହୋଇଯାଇଛି । ସୋମବାର ସାମୁଦ୍ରିକ ଥାନାରେ



୧୫ଟି ପଦବୀ ପାଇଁ ଗୌରୀଶଙ୍କର ମନ୍ଦିର ସ୍ଥିତ ଲାଇନବନ୍ଧରେ ପ୍ରାର୍ଥୀଙ୍କ ସନ୍ତରଣ ପରୀକ୍ଷା ହୋଇଥିଲା । ଆସନ୍ତାକାଲି କାଲାମ ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର ପରୀକ୍ଷା, ଡ୍ରାଇଭିଂ, ରୋଷେୟା, ଇଲେକ୍ଟ୍ରିସିଆନ୍, ପ୍ଲମ୍ବର ଆଦି ପଦବୀ ପାଇଁ ପରୀକ୍ଷାର୍ଥୀଙ୍କ ପରୀକ୍ଷା ରହିଥିବା ସୂଚନା ମିଳିଛି । ଛତ୍ରପୁର ଏସ୍‌ଡ଼ିପିଓ ଚଇନ ମାର ଘଡ଼ାଇ ଓ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ସମେତ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ ।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବେଲଗୁଣ୍ଠା, ୯ ।୨(ସମିସ):** ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଓରିଗଡ଼ ଗ୍ରାମ ନିକଟସ୍ଥ ବଡ଼ନଦୀ ଗଣ୍ଡରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବେଲଗୁଣ୍ଠା ଥାନା ଜିରୋଳି ଗ୍ରାମର ବାବୁଲା ନାୟକ (୩୯) । ବାବୁଲା ଓରିଗଡ଼ ଗ୍ରାମରେ ଥିବା ତାଙ୍କ ମାମୁଁ ଖଦାଳ ରାଉତଙ୍କ ଘରକୁ ବୁଲି ଆସିଥିଲେ । ରବିବାର ସନ୍ଧ୍ୟାରେ ସେ ଗାଧୋଇବା ପାଇଁ ବଡ଼ନଦୀକୁ ଯାଇଥିବା ବେଳେ ପ୍ରାୟ ୭ ଫୁଟ ଗଭୀର ଗଣ୍ଡ ପାଣିରେ ବୁଡ଼ି ଯାଇଥିଲେ । ସେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ଏବଂ ନଦୀ ହିଡ଼ରେ ତାଙ୍କ ଚପଲ ପଡ଼ିଥିବା ଦେଖିବାକୁ ପାଇଥିଲେ । ପୁଲିସ ଓ ଅଗ୍ନିଶମ ବିଭାଗ ରାତିରେ ପହଞ୍ଚି ଖୋଜାଖୋଜି କରିଥିଲେ ତାଙ୍କର ପତ୍ତା ମିଳିନଥିଲା । ସୋମବାର ସକାଳୁ ଓଡ୍ରାଫ୍  ଟିମ୍ ପହଞ୍ଚି ପୁଣି ଥରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପରେ ଦିନ ପ୍ରାୟ ୧୧:୩୦ ସମୟରେ ବାବୁଲାଙ୍କ ଶବ ଉଦ୍ଧାର ହୋଇଥିଲା । ଏହି ଘଟଣାରେ ଗାଙ୍ଗପୁର ଥାନାରେ  (୪/୨୬) ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ଏବଂ ଏସ.ଆଇ ଅଜୟ ମଲିକ ଏହାର ତଦନ୍ତ କରୁଥିବା ନେଇ ଥାନାଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି । ବାବୁଲା ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଜିରୋଳି ଓ ଓରିଗଡ଼ ଗ୍ରାମବାସୀ ଦାବି କରିଛନ୍ତି ।

## ଆର୍ଟ କଲେଜରେ ପ୍ରସ୍ତୁତ ହେଉଛି ସର୍ବବୃହତ ଭିତ୍ତିଚିତ୍ର



**ଖଲ୍ଲିକୋଟ, ୯ ।୨(ସମିସ):** ଖଲ୍ଲିକୋଟର ସର୍ବ ପୁରାତନ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଚାଲିଛି ମୁରାଲ ଆର୍ଟ କର୍ମଶାଳା । ୭ ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ପ୍ରସ୍ତୁତ ହେଉଛି ୨୫୦ ଫୁଟ ଲମ୍ବା ବିଶିଷ୍ଟ ଓଡ଼ିଶାର ସର୍ବ ବୃହତ ଭିତ୍ତି ଚିତ୍ର ।

ଗତ ୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କର୍ମଶାଳା ଆସନ୍ତା ୧୦ ତାରିଖରେ ଉଦଯାପିତ ହେବ । ଏହି କର୍ମଶାଳାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେଶ କେ.ନାୟର ବିଶେଷଜ୍ଞ ଭାବେ ଯୋଗଦେଇ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସହଯୋଗରେ ୨୫୦ ଫୁଟ ଲମ୍ବା ବିଶିଷ୍ଟ ଓଡ଼ିଶାର ସର୍ବବୃହତ ଭିତ୍ତି ଚିତ୍ରକୁ ସାତ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ସ୍ଥାପତ୍ୟ ଦ୍ୱାରା ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳର କଳା, ସ୍ଥାପତ୍ୟ ଓ ପରମ୍ପରା ସହିତ ସୌନ୍ଦର୍ଯ୍ୟ ଭରା ଭୌଗଳିକ ସ୍ଥିତିକୁ ଏହି ଭିତ୍ତିଚିତ୍ର ମାଧ୍ୟମରେ ପ୍ରସ୍ଫୁଟିତ କରାଯାଉଛି ବୋଲି ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ ର ଅଧ୍ୟକ୍ଷ ଦେବୀ ପ୍ରସାଦ ଦାସ କହିଛନ୍ତି । ବାଲି, ସିମେଣ୍ଟ ବ୍ୟବହାର କରି ପ୍ରାୟ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଭିତ୍ତିଚିତ୍ର ଆଗାମୀ ଦିନରେ ପର୍ଯ୍ୟଟକଙ୍କୁ ନିଶ୍ଚିତ ଆକୃଷ୍ଟ କରିବ ବୋଲି  ଅଧ୍ୟକ୍ଷ କହିଛନ୍ତି ।

# ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସଚେତନତା

**ଛତ୍ରପୁର, ୯ ।୨(ସମିସ):** ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା (ଏନପିଏସ) ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜନ ହୋଇଯାଇଛି । କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟ, ଭୁବନେଶ୍'ରରୁ ହିସାବ ଅଧିକାରୀ ମନୋରଞ୍ଜନ ସାହୁ ଓ ଅରବିନ୍ଦ ସାହୁ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ବିଭିନ୍ନ ପ୍ରାୟୋଗିକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଅଂଶଗ୍ରହଣକାରୀ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନାକୁ ମନରେ ଥିବା ସଂଶୟ ପ୍ରକାଶ କରିଥିଲେ, ତାଲିମ ଦେଉଥିବା ଅଧିକାରୀମାନେ ସେମାନଙ୍କର ବିଭିନ୍ନ ସଂଶୟ ଉପରେ ଯଥାଯଥ ମାର୍ଗଦର୍ଶନ ଦେଇଥିଲେ । ଏପରି ସଚେତନତା କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ରେ ଅନୁବନ୍ଧିତ ହୋଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଛି ବୋଲି ମତ ପ୍ରକାଶ ପାଇବା ସହ ନିୟମିତ ବ୍ୟବଧାନରେ ଏଭଳି ସଚେତନତା ଶିବିର ଆୟୋଜନ କରିବାକୁ ଅନୁରୋଧ ଆସିଥିଲା । ଶିବିରରେ ଜିଲ୍ଲା କୋଷାଗାର ଅଧିକାରୀ କୁମୁଦ ଚନ୍ଦ୍ର କହଁର, ଅତିରିକ୍ତ କୋଷାଗାର ଅଧିକାରୀ ଅଳକାନନ୍ଦା ତ୍ରିପାଠୀ, ଉପ-କୋଷାଗାର ଅଧିକାରୀ, ବିଭିନ୍ନ ବିଭାଗର ଉଠାଣ ଓ ବିତରଣ ଅଧିକାରୀ, ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ଅନ୍ତର୍ଗତ କର୍ମଚାରୀଙ୍କ ସହ କୋଷାଗାର କର୍ମଚାରୀ ଉପସ୍ଥିତ ଥିଲେ । ଅତିରିକ୍ତ କୋଷାଗାର ଅଧିକାରୀ ଅଳକାନନ୍ଦା ତ୍ରିପାଠୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଫେରାଇବାକୁ ପ୍ରୟାସ

**ବେଲଗୁଣ୍ଠା, ୯ ।୨(ସମିସ):** ବେଲଗୁଣ୍ଠା ଏବଂ ଭଞ୍ଜନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ ଉଭୟ ବ୍ଲକ୍‌ର ବିଭିନ୍ନ ଉପାନ୍ତ ଅଞ୍ଚଳକୁ ନିଜେ ପରିଦର୍ଶନ କରି ଉଭୟ ବ୍ଲକ୍‌ରୁ ଗତ ଏକ ମାସ ମଧ୍ୟରେ ଅଧାରୁ ପାଠ ଛାଡିଥିବା ୧୦୦ ଛାତ୍ରଛାତ୍ରୀଙ୍କୁ ପାଠ ପଢିବା ପାଇଁ ପ୍ରେରଣା ଯୋଗାଇବା ସହିତ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବାରେ ପୂର୍ଣ୍ଣ ସହଯୋଗ କରିଛନ୍ତି । ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ରଥ ନିଜ କାର୍ଯ୍ୟାଳୟର ସହ-ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ



ସିଆରସିସି ମାନଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମକୁ ଜାରି ରଖିଛନ୍ତି । ବିଇଓଙ୍କ ଏହିଭଳି କାର୍ଯ୍ୟକ୍ରମକୁ ଅଭିଭାବକ ଏବଂ ବୁଦ୍ଧିଜୀବ ମହଲରେ ସ୍ୱାଗତ କରାଯାଇଛି ।

### ମା' ରାମଚଣ୍ଡୀ ମହୋତ୍ସବ ଉଦଯାପିତ

# ଚଳଚ୍ଚିତ୍ର ତାରକା ସବ୍ୟସାଚୀ ମୁଖ୍ୟ ଆକର୍ଷଣ

**ଗଞ୍ଜାମ, ୯ ।୨(ସମିସ)**

ଗଞ୍ଜାମ ବ୍ଲକ ନୀଳାଦ୍ରୀପୁର ପ୍ରସିଦ୍ଧ ଗ୍ରାମରେ ତିନିଦିନ ବ୍ୟାପି ଚାଲିଥିବା ମା' ରାମଚଣ୍ଡି ମହୋତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନି ସମାବେଶରେ ଚଳଚିତ୍ର ତାରକା ସବ୍ୟସାଚୀ ମିଶ୍ର ମୁଖ୍ୟ ଆକର୍ଷଣ ସାଜିଥିଲେ । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ମନ୍ଦିର ପରିଚାଳନା କମିଟି ସଭାପତି ତଥା ଜାତୀୟ ଖାଦ୍ୟ ନିଗମ ସଦସ୍ୟ ଡ଼ଃ. ପ୍ରଶାନ୍ତ କୁମାର ନାୟକ, ଟ୍ରଷ୍ଟି ସୁଧାକର ପଣ୍ଡା, ଗଜପତି ଜିଲ୍ଲା ପବ୍ଲିକ ପ୍ରସ୍ୟୁକ୍ୟୁଟର ରାଜେଶ ମିଶ୍ର, ଛତ୍ରପୁର ଓକିଲ ସଙ୍ଘ ସଭାପତି ପ୍ରଦୀପ କୁମାର ପାଢ଼ୀ, ମହାରାଜା କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସିନ ରହିଥିଲେ । ସଂଯୋଜକ କମଳ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତୃତୀୟ ସାଂସ୍କୃତିକ ସନ୍ଧ୍ୟାରେ ଗୁରୁ ଶିବରାମ ବାରିକଙ୍କ ଓଡିଶୀ ନୃତ୍ୟ, ମା' ତାରାତାରିଣୀଙ୍କ ମଙ୍ଗଳା ଚରଣ ନୃତ୍ୟ, ପ୍ରତିଭା ଆବାସିକ ଛାତ୍ରୀ ମାନଙ୍କ ଦ୍ୱାରା ଢେମସା ଲୋକ ନୃତ୍ୟ, ସାଇଶ୍ରୀ ନୃତ୍ୟ ଏକାଡେମୀ ଗୁରୁ ମଧୁସ୍ମିତା ପଟ୍ଟନାୟକ ନେତୃତ୍ୱରେ ଓଡିଶୀ ଶାସ୍ତ୍ରୀୟ ନୃତ୍ୟ ଦୁର୍ଗା ସ୍ତୁତି ପରିବେଷଣ ହୋଇଥିଲା । ସମୀର କୁମାର ବେହେରା, ପ୍ରଶାନ୍ତ ପଟ୍ଟନାୟକ, ଗୌତମ ନାୟକଙ୍କ ଦ୍ୱାରା ପରିବେଶତ ବାଘ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ସ୍ୱସ୍ତିକ ସୁନ୍ଦର ସୁର ସଂଯୋଜନା କରିଥିଲେ । ପୂଜା କମିଟି ସଭାପତି ସିଏଚ ଦୟାନନ୍ଦ ରେଡିଙ୍କ ସମେତ ସମସ୍ତ ମନ୍ଦିର ପରିଚାଳନା କମିଟି ଓ ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ସହଯୋଗ କରିଥିଲେ ।

ସକାଳ THE SAKALA



## ଜୋର ଧରିଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ବଦଳି ଦାବି

# ସମୂହ ଛୁଟିରେ ଗଲେ ସ୍ୱାସ୍ଥ୍ୟକର୍ମୀ

ମୋହନା, ୯।୨(ସମିସ)

ଜୋର ଧରିଲା ଗଜପତି ଜିଲ୍ଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଜୟ ପଣ୍ଡାଙ୍କ ବଦଳି ଦାବି। ସୋମବାର ଏହି ଦାବିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସରକାରୀ ବାସଭବନରେ ତାଲା ପକାଇ ଗଣ ଧାରଣା ଦେଇଛନ୍ତି ଶତାଧିକ ଆଶାକର୍ମୀ। ଆଶାକର୍ମୀ ସଂଘର ଗଜପତି ଜିଲ୍ଲା ସଭାନେତ୍ରୀ ନିରୁପମା ନାୟକ ଓ ବ୍ଲକ ସଭାନେତ୍ରୀ ସଂଗୀତା ନାୟକଙ୍କ ନେତୃତ୍ୱରେ ଆଶାକର୍ମୀ ଧାରଣାରେ ବସିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ବଦଳି କରାଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆଶାକର୍ମୀ ଚେତାବନୀ ଦେଇଛନ୍ତି। ଆଶାକର୍ମୀ ଅଭିଯୋଗ କରିଛନ୍ତି ଯେ ଯେଉଁ ଦିନ ଠାରୁ ଡା. ଜୟ ପଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭାବେ ଦାୟିତ୍ୱ ନେଲେ ସେହି ଦିନ ଠାରୁ ସେମାନେ ନିୟମିତ ପାରିଶ୍ରମିକ ପାଉନାହାନ୍ତି। ଏଥିସହ ବିଭିନ୍ନ ବାବଦରେ ଆଶାକର୍ମୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଲାଞ୍ଚ ମାଗୁଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପତ୍ନୀ ଏଲଆଇସି ଏଜେଣ୍ଟ ଥିବାବେଳେ ତାଙ୍କ ପାଖରେ ଏଲଆଇସି କରିବାକୁ ବାଧ୍ୟ କରୁଛନ୍ତି। ଯିଏ ଏଲଆଇ ସି ନକରିବ ତାଙ୍କ ପାରିଶ୍ରମିକ ଦେବାରେ ବିଳମ୍ବ କରି ହଇରାଣ କରାଯାଉଛି ବୋଲି ଆଶାକର୍ମୀ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ଆଶାକର୍ମୀ ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ବାଧ ହୋଇ ଆଜି ତାଙ୍କର ବାସଭବନରେ ତାଲା ପକାଇ ଧାରଣା ଦେଇଛୁ ବୋଲି କହିବା ସହ ଯେତେବେଳେ ପର୍ଯ୍ୟନ୍ତ ତାଙ୍କୁ ବଦଳି କରା ନଯାଇଛି ସେତେବେଳେ ପର୍ଯ୍ୟନ୍ତ ତାଲା ଖୋଲିବୁ ନାହିଁ କି ଧାରଣା ରୁ ଉଠିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଆଶାକର୍ମୀ। ଆଜି ମୋହନା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବାସଗୃହ ପଛପଟେ ଛାତ ଉପରୁ ଡେଇଁ ଅଭିଯୋଗ ଶୁଣାଣି ସ୍ଥଳରେ ପହଞ୍ଚିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ବଦଳି ଦାବିରେ ସମୂହ ଛୁଟିରେ ଗଲେ ସ୍ୱାସ୍ଥ୍ୟ କର୍ମୀ। ସେମାନଙ୍କୁ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବହୁତ ହଇରାଣ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଜନ ପ୍ରତିନିଧି ଓ ବୁଦ୍ଧିଜୀବୀ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ବଦଳି ଦାବି କରିବା ସହ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ବ୍ଲକ କାର୍ଯ୍ୟାଳୟ ରେ ଚାଲିଥିବା ବେଳେ ଡାକ୍ତରଖାନା ପରିସରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ବାସଭବନ ଆଗରେ ଧାରଣାରେ ବସିଥିଲେ ଆଶାକର୍ମୀ। ଏହା ଜାଣିବା ସତ୍ତ୍ୱେ କୌଣସି ପ୍ରଶାସନିକ ଅଧିକାରୀ ଆଶାକର୍ମୀଙ୍କ ପାଖକୁ ଆସି ସେମାନଙ୍କ ଦୁଃଖ ବୁଝିନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଖୁବ ଶୀଘ୍ର ଅଭିଯୋଗର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶାନ୍ତନୁ ପାଢ଼ୀ ଓ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହନାଙ୍ଗା କହିଛନ୍ତି।

- ବାସଭବନରେ ତାଲା ପକାଇ ଆଶାକର୍ମୀଙ୍କ ଧାରଣା
- ଛାତ ଡେଇଁ ଚାଲିଗଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ




## ଟିକାବାଲିରେ ଯୁଗ୍ମ ଅଭିଯୋଗ ଶୁଣାଣି



ଟିକାବାଲି, ୯।୨(ସମିସ): ଟିକାବାଲି ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥିଲା। ଜିଲ୍ଲାପାଳ ବେଦ ଭୂଷଣ ଅନ୍ୟ ସରକାରୀ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) କୁଶଳ ଚନ୍ଦ୍ର ନାୟକ ଶିବିରରେ ଅଭିଯୋଗ ଶୁଣିଥିଲେ। ଶୁଣାଣିରେ ୪୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୩୫ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ହୋଇଥିବା ବେଳେ ୧୦ ସାମୂହିକ ସମସ୍ୟା ଭିତ୍ତିକ ଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସିଥିବା ସମସ୍ତ ଅଭିଯୋଗକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ସିଏଚ୍ଓ ସୁଗଡା ମୁର୍ମୁ, ସିଡିଏମ୍ଓ ଡା. ସନ୍ତୋଷ କୁମାର ପାଢ଼ୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ତହସିଲଦାର ହରିଚନ୍ଦ୍ର ପ୍ରଧାନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତିରଞ୍ଜନ ଜେନା ଉପସ୍ଥିତ ଥିଲେ। ସେହିପରି ଜନପ୍ରତିନିଧିଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧକ୍ଷା ସାଧୁବେଣୀ ନାୟକ ଓ ପଞ୍ଚାୟତ ସମିତି ଅଧକ୍ଷ ଦିଲୀପ କହଁର ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ଶୁଣାଣି ଶିବିର ସମ୍ପର୍କରେ ଠିକ୍ ଭାବେ ପ୍ରଚାର ପ୍ରସାର କରାଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କ ପାଖରେ ସଠିକ୍ ସୂଚନା ପହଞ୍ଚୁନଥିବାରୁ ଶିବିରରେ ଆଶାଜନକ ଜନସମାଗମ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

## ଗୋଟିଏ ଦିନରେ ୩ ଘରେ ଚୋରି ଉଦ୍ୟମ



କାଶୀନଗର, ୯।୨(ସମିସ): କାଶୀନଗର ସହରରେ ଚୋରି ଭୟରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ସହରରେ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ରବିବାର ରାତିରେ ୩ ଘରେ କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି ଉଦ୍ୟମ କରିଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଷ୍ଟେଟ ବ୍ୟାଙ୍କ ଛକ ନିକଟସ୍ଥ ପୂର୍ବତନ ସାମ୍ବାଦିକ ସର୍ଗତ୍ ଟି. କ୍ରିଷ୍ଣାଙ୍କ ତାଲା ପଡ଼ିଥିବା ଘରେ, ତହସିଲ କାର୍ଯ୍ୟାଳୟ ନିକଟସ୍ଥ ଏକ ଔଷଧ ଦୋକାନୀଙ୍କ ଘର ଓ ୧୦ନଂ ୱାର୍ଡରେ ଏକ ଘରେ ଚୋରି ଉଦ୍ୟମ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ତାଲା ବନ୍ଦ ଘରେ ଚୋରି ଉଦ୍ୟମ ହେବା ଯୋଗୁଁ ଲୋକେ କୋକୁଆ ଭୟରେ ଥିବା ଦେଖାଯାଇଛି। ଖବର ପାଇ କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀ ଚୋରି ଉଦ୍ୟମ ହୋଇଥିବା ଘର ଦେଖିବା ସହ ତଦନ୍ତ ଜାରି ରଖିଥିବା ଜଣାପଡିଛି। ଦୁର୍ବୃତ୍ତ ଚୋରି ଉଦ୍ୟମ କରିଥିଲେ ମଧ୍ୟ ଚୋରି କରିବାରେ ସଫଳ ହୋଇପାରିନଥିଲେ। ମୁଖ୍ୟ ରାସ୍ତା କଡ଼ରେ ରହିଥିବା ଘରେ ଚୋରି ଉଦ୍ୟମ ହୋଇଥିବାରୁ ତାହା ପୁଲିସକୁ ଏକ ଚାଲେଞ୍ଜ ବୋଲି କୁହାଯାଉଛି। ପୁଲିସ ସାଇଣ୍ଟିଫିକ ଟିମକୁ ସୂଚନା ଦେଇଥିବା ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସହରରେ ଥିବା ବିଭିନ୍ନ ସିସି ଟିଭି ଯାଞ୍ଚ କରୁଥିବା ଓ ଅଧିକ ତଦନ୍ତ ଜାରି ରଖିଥିବା କୁହାଯାଇଛି।

**କାଶୀନଗରରେ କୋକୁଆ ଭୟ**

● ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

# ଉଭୟ ପୀଡ଼ିତା ଓ ଅଭିଯୁକ୍ତ ନାବାଳକର ଡାକ୍ତରୀ ମାଇନା ଓ ବୟାନ ରେକର୍ଡ

ପାରଳାଖେମୁଣ୍ଡି, ୯ ।୨(ସମିସ): ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ଅନ୍ତର୍ଗତ ଜିରାଙ୍ଗ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି । ସାତ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ନେଇ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୁଲିସ। ସୂଚନା ପ୍ରକାରେ ନାବାଳିକାର ବାପାମା ଦ୍ୱିତୀୟ ଦମ୍ପତି ହୋଇଥିବା ବେଳେ ଅଭିଯୁକ୍ତ ୧୭ ବର୍ଷୀୟ ନାବାଳକକୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରି ତାର ଲାଳନପାଳନ କରୁଥିଲେ। ସେ ଦୀର୍ଘ ବର୍ଷ ହେଲା ପରିବାର ସହ ଘରେ ରହି ଆସୁଥିଲା ଏବଂ ତାର ଯାବତୀୟ ଖର୍ଚ୍ଚ ବହନ କରୁଥିଲେ ଦ୍ୱିତୀୟ ଦମ୍ପତି। କିନ୍ତୁ ଘଟଣା ଦିନ ଅର୍ଥାତ ୭ ତାରିଖରେ ପଡିତାଙ୍କ ବାପାମା କୈଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। କାର୍ଯ୍ୟବ୍ୟସ୍ତତା ଯୋଗୁଁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ପାରିନଥିଲେ। ସେହି ସମୟରେ ଅଭିଯୁକ୍ତ ପ୍ରତ୍ୟେକ ଦିନ ଭଳି ଘରେ ପୀଡିତା ସହିତ ରହିଥିଲା। ଏକୁଟିଆ ସୁଯୋଗ ନେଇ ନାବାଳିକାକୁ ଦୁଷ୍କର୍ମ କରିଥିଲା ନାବାଳକ। ବାପାମା ଘରକୁ ଫେରିବା ପରେ ଝିଅ ଠାରୁ ସବୁ ଶୁଣିବା ପରେ ୮ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଏତଲା ପରେ ପୁଲିସ ପକ୍ଷରୁ ଚନ୍ଦ୍ରଗିରି ଫାଣ୍ଡିରେ ମାମଲା ରୁଜୁ କରାଯାଇଛି । ଏନେଇ ଆଜି ସନ୍ଧ୍ୟାରେ ଉଭୟ ପୀଡିତା ଓ ଅଭିଯୁକ୍ତ ନାବାଳକକୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଯିବା ସହ କୋର୍ଟରେ ହାଜର କରାଯାଇ ଉଭୟଙ୍କ ବୟାନ ରେକର୍ଡ କରାଯାଇଛି। ଏହାପରେ ଅଭିଯୁକ୍ତ ନାବାଳକକୁ ବ୍ରହ୍ମପୁର ସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ବେଳେ ନାବାଳିକାଙ୍କୁ ମଧ୍ୟ ଉଭୟ ଡାକ୍ତରୀ ମାଇନା ଓ ବୟାନ ରେକର୍ଡ କରାଯାଇ ତାଙ୍କ ବାପାମାଙ୍କୁ ହସ୍ତାନ୍ତର କରାଯାଇଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଫେବୃଆରୀ ୧୨ ଦେଶ ବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ



ପାରଳାଖେମୁଣ୍ଡି, ୯ ।୨(ସମିସ): ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ଗୋଷାଣି ବ୍ଲକ ଉପଲଡା ପଞ୍ଚାୟତ ଶବର ସାହିରେ ଏକ ବୈଠକ ହୋଇଥିଲା। ବୈଠକରେ ଉପଲଡା ଶବର ସାହିର ଆଦିବାସୀଙ୍କ ଦଖଲ ଥିବା ଜଙ୍ଗଲ ଜମିର ପଟା, ଘର ଡିହ ପଟା ପ୍ରଦାନ କରିବା, ଜଙ୍ଗଲ ଜମି ଚିହ୍ନଟ କରିବା ପାଇଁ ଆରଆଇ ଓ ଅମିନ ମାସିକ ୧୫ ଦିନ କାମ କରିବା, ଭିବି ଜି ରାମ ଜି ଆଇନ ବାତିଲ କରିବା ସହ ମନରେଗା ଆଇନ ଲାଗୁ କରି ଦୈନିକ ୬୦୦ ଟଙ୍କା ମଜୁରୀ ପ୍ରଦାନ, ସମସ୍ତଙ୍କୁ ମାଗଣା ୩୦୦ ୟୁନିଟ୍ ବିଦ୍ୟୁତ ଯୋଗାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଲକ୍ଷ ଦେବା, ସମସ୍ତ କ୍ଷେତ ମଜଦୁରଙ୍କୁ ରେସନ କାର୍ଡଧାରୀଙ୍କୁ ୫୦ କେଜି ଚାଉଳ, ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ , କୃଷକ ବିରୋଧୀ ବିହନ ବିଲ ବାତିଲ , ଜନ ବିରୋଧୀ ବିଦ୍ୟୁତ୍ ସଂଶୋଧନ ବିଲ୍ ବାତିଲ କରିବା ନେଇ ଆଲୋଚନା ହୋଇଥିଲା। ଏଥିରେ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ ଯୋଗଦେଇ ଫେବୃଆରୀ ୧୨ ତାରିଖ ଦିନ ଧର୍ମଘଟ ଓ ହରତାଳକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୋଜେସ ଶବର, କୈଳାସ ଶବର, ରବୀନ୍ଦ୍ର ବେହେରା, ମାଥ୍ୟୁ ରଇତ, ସର୍ବଶ୍ରୀ ଗମାଙ୍ଗ, ତମାସ ରଇତ, ବାସୁରା ମଣ୍ଡଳ, ସନ୍ତୋଷୀ ଶବର, ମୋହନୀ ମଣ୍ଡଳ ଓ ପଳନ୍ତି କାର୍ଜୀଙ୍କ ସହ ବହୁ ସଂଖ୍ୟକ ଲୋକେ ଯୋଗ ଦେଇଥିଲେ ।

## ବିଏସ୍ଏଫ୍ ୧୩୬ ବାଟାଲିଆନର ଜନସମ୍ପର୍କ ଶିବିର




ଫିରିଙ୍ଗିଆ, ୯।୨(ସମିସ): ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆରେ ଥିବା ୧୩୬ ବାଟାଲିଆନ ବିଏସଏଫ ପକ୍ଷରୁ କ୍ୟାମ୍ପ ପରିସରରେ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୧୩୬ ବାଟାଲିଆନ ବାଲିଗୁଡା କାମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ଅକ୍ଷୟ କୁମାର, ଓ ନିର୍ମଳ ଚନ୍ଦ୍ର ଦାଶ ଓ ସାଡିଙ୍ଗିଆ ସରପଞ୍ଚ ପଦ୍ମିନୀ କହଁର ଯୋଗ ଦେଇଥିଲେ। ଶିବିରରେ ୫ ପଞ୍ଚାୟତ ୨୯ ଗାଁର ଲୋକେ ଉପସ୍ଥିତ ଥିଲେ। ବିଏସଏଫ ଯବାନ ଏବଂ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ଭୟ ଦୂର କରି ଉଚିତ ମାର୍ଗରେ ରହିବାକୁ ସଚେତନ କରାଯାଇଥିଲା। ଶେଷରେ ବିଏସଏଫ ଅଧିକାରୀ ଏବଂ ସରପଞ୍ଚଙ୍କ ଉପସ୍ଥିତରେ ହଣ୍ଡା, ପାଲ, ବାଲଟି, କଡେଇ, ଛତା, ଜୋତା, ଭଳି ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ, କ୍ୟାରମ ବୋଡର୍ ସହ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଲବର ଯୁବକଙ୍କୁ ଫୁଟବଲ, ଭଲିବଲ, ଭଳି ନେଟ ଭଳି ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ସ୍ୱାଗତ ସହ ପ୍ରଶଂସା କରିଥିଲେ।

## ରାଇକିଆ ରୁଦ୍ରକାଳୀ ପୂଜା କମିଟିର ନୂତନ କର୍ମକର୍ତ୍ତା



ରାଇକିଆ, ୮।୨(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ରୁଦ୍ରକାଳୀ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସହମତି କ୍ରମେ ଆସନ୍ତା ୬ ବର୍ଷ ପାଇଁ ରୁଦ୍ରକାଳୀ ପୂଜା କମିଟିର ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ଏହି କମିଟିରେ କ୍ରମାଗତ ଦ୍ୱିତୀୟଥର ପାଇଁ ଦଣ୍ଡ ଅଧିକାରୀ ଭାବେ ପ୍ରତାପ କୁମାର ଜେନା ଓ ନାଟ୍ୟ ଅଧିକାରୀ ଭାବେ କେଶବ ଆଚାରୀ (ବଣ୍ଟି) ଙ୍କୁ ଆସନ୍ତା ୬ ବର୍ଷ ପାଇଁ ମନୋନୀତ କରାଯାଇଛି। ଏହି ଅବସରରେ କମିଟି ପକ୍ଷରୁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ବେଳେ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

# ରାସ୍ତା ଅବରୋଧ କାଠ ଗଣ୍ଡିକୁ ହଟାଇଲା ଅଗ୍ନିଶମ ବିଭାଗ

ଜି.ଉଦୟଗିରି, ୯।୨(ସମିସ)



ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତ କଳିନାୟୁ, ତୁମୁସିଙ୍ଗିଆ, ସରୁସିନାଙ୍ଗିଆ ଓ ଡଡାପଡ଼ା ଗ୍ରାମକୁ ସଂଯୋଗ ମୁଖ୍ୟ ରାସ୍ତାରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିରାଟକାୟ ଆମ୍ବ ଗଛ ଗତକାଲି ସନ୍ଧ୍ୟାରେ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଏଥିରେ ଗ୍ରାମବାସୀ ପାଇଁ ଯାତାୟାତ ବନ୍ଦ ହେବା ସହ ବିପଦସଙ୍କୁଳ ଅବସ୍ଥାରେ ଥିବା କଳିନାୟୁ ଘାଇ ରାସ୍ତା ଦେଇ ଯିବାଆସିବା କରୁଥିବା ଦେଖିବାକୁ ମିଳିଥିଲା। ଏହି ରାସ୍ତା ଦୂର ଏବଂ ବିପଦ ଅବସ୍ଥାରେ ଥିବା ହେତୁ ଅଗ୍ନିଶମ ବିଭାଗକୁ ରାତିରେ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ ରାତିରେ ଆସି ଦେଖିବା ପରେ ଆଜି ସକାଳେ ଗଛ ଗଣ୍ଡି କାଟି ଅବରୋଧ ହୋଇଥିବା ଗଣ୍ଡିକୁ ହଟାଇବାରେ ସଫଳ ହୋଇଥିଲେ। ଆଜି ସକାଳେ ସ୍ଥାନୀୟ ସରପଞ୍ଚ ବିଷ୍ଣୁଦେବ ପ୍ରଧାନଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀ ଗଛ ଗଣ୍ଡିକୁ ହଟାଇଥିଲେ। ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ, ସୁଜନ ପ୍ରଧାନ, ସମାଜସେବୀ ହୃଷୀକେଶ ପ୍ରଧାନ, ସୁମନ୍ତ ପ୍ରଧାନ, ଆରିୟାନସ ମଲ୍ଲିକ, ଆଦିତ୍ୟ ପ୍ରଧାନ, ଚନ୍ଦ୍ର ଶେଖର ପ୍ରଧାନ, ଅରବିନ୍ଦ ପ୍ରଧାନ ଓ ଚିକନ୍ ମଲ୍ଲିକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସ୍ମୃତିସନ୍ଧ୍ୟା

ପାରଳାଖେମୁଣ୍ଡି, ୯ ।୨(ସମିସ): ପାରଳାଖେମୁଣ୍ଡିର ନୃତ୍ୟ ଅନୁଷ୍ଠାନ ପଦାମୃତ ନୃତ୍ୟାୟନର ଏକାଦଶ ବାର୍ଷିକ ଉତ୍ସବ ତଥା ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସ୍ମୃତିସନ୍ଧ୍ୟା ସ୍ଥାନୀୟ ଅର୍ବାନ ବ୍ୟାଙ୍କ ପଡିଆରେ ଆୟୋଜିତ ହୋଇଥିଲା। ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଗଜପତି ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, କ୍ରିଏଟିଭ ଆର୍ଟସ୍ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଦୁର୍ଗା ପ୍ରସାଦ ପଣ୍ଡା ଓ ବିଶିଷ୍ଟ ଶିକ୍ଷାବିତ୍ ଜିତେନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, କୁଚିପୁଡ଼ି, ସମ୍ବଲପୁରୀ ଓ ପଲ୍ଲୀନୃତ୍ୟ ପରିବେଷଣ କରାଯାଇଥିଲା। ସମସ୍ତ ନୃତ୍ୟଶିଳ୍ପୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପଦାମୃତ ନୃତ୍ୟାୟନ୍ ଓ କ୍ରିଏଟିଭ ଆର୍ଟସ କଳାକାରଙ୍କ ଦ୍ୱାରା ମିଳିତ ଭାବେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିକାକୁ ନେଇ ଏକ ନୃତ୍ୟନାଟିକା ମଞ୍ଚସ୍ଥ ହୋଇଥିଲା। ଆଦର୍ଶ ଦାସ ଓ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନ୍ଦୁପ୍ରିୟା ବେହେରା, ପ୍ରୀତିପ୍ରିୟା ବେହେରା, ସଂଯୁକ୍ତା ବେହେରା, ଘନଶ୍ୟାମ ବେହେରା ଅତିଥିଙ୍କୁ ଧନ୍ୟବାଦ୍ ଜଣାଇଥିଲେ । ଏହି ଅବସରରେ ବିଶିଷ୍ଟ ସଙ୍ଗୀତ କଳାକାର ତଥା ସଭାପତି ଗଜପତି କଳା ପରିଷଦ ସଭାପତି ଗୁରୁ ନୃସିଂହ ପ୍ରସାଦ ପାଢ଼ୀ ଏବଂ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ର ବିଶିଷ୍ଟ କୁଚିପୁଡ଼ି ନୃତ୍ୟ ଗୁରୁ ରଘୁପାତ୍ରୁନି ଶ୍ରୀକାନ୍ତଙ୍କୁ ଚଳିତ ବର୍ଷର ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

**ରାଜ୍ୟସ୍ତରୀୟ ସମ୍ମିଳନୀରେ ଗଜପତି ଶାଖାର ୭ ଜଣିଆ ପ୍ରତିନିଧି ମଣ୍ଡଳ**

# ସାହିତ୍ୟ, ସଂସ୍କୃତି, ଭାଷାର ସୁରକ୍ଷା ପାଇଁ ସଠିକ୍ ଦାବି ଉପସ୍ଥାପନ କରିବାକୁ ଆହ୍ୱାନ

ପାରଳାଖେମୁଣ୍ଡି, ୯ ।୨(ସମିସ)



ଉତ୍କଳ ସମ୍ମିଳନୀର ୪୯ ତମ ରାଜ୍ୟସ୍ତରୀୟ ସମ୍ମିଳନୀ ନୟାଗଡ ଜିଲ୍ଲା ଦଶପଲ୍ଲାରେ ଆୟୋଜିତ ହୋଇଥିଲା । ସମ୍ମିଳନୀରେ ରାଜ୍ୟ ସଭାପତି ଡ.ଅଦ୍ୱୈତ କୁମାର ପାତ୍ର ଅଧକ୍ଷତା କରିଥିଲେ। ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ସମ୍ମିଳନୀରେ ଗଜପତି ଜିଲ୍ଲାର ୭ ଜଣିଆ ପ୍ରତିନିଧି ମଣ୍ଡଳ ଯୋଗ ଦେଇଥିଲେ । ଗଜପତି ଶାଖା ସଭାପତି ଭାରତ ଭୂଷଣ ମହାନ୍ତି, ଉତ୍କଳ ସମ୍ମିଳନୀର ବୃହତ ସଂଗଠନକୁ ଦୃଢ କରିବା ସହିତ ଓଡ଼ିଆ ସାହିତ୍ୟ, ସଂସ୍କୃତି, ଭାଷାର ସୁରକ୍ଷା ପାଇଁ ସରକାରଙ୍କ ନିକଟରେ ସଠିକ୍ ଦାବି ଉପସ୍ଥାପନ କରିବା ପାଇଁ ବିଫଳ ହୋଇଥିବା ସହିତ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ଯୋଗାଇବାରେ ଅହେତୁକ ବିଳମ୍ବ ପାଇଁ କ୍ଷୋଭ ପ୍ରକାଶ କରିବା ସହିତ ଉତ୍କଳ ସମ୍ମିଳନୀର ରାଜ୍ୟସ୍ତରୀୟ କର୍ମକର୍ତ୍ତା ଏ ଦିଗରେ ପଦକ୍ଷେପ ନେଇ କାର୍ଯ୍ୟକରିବା ଉଚିତ ବୋଲି ମତ ରଖିଥିଲେ। ସେହିପରି ଗଜପତି ଶାଖା ସମ୍ପାଦକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଉତ୍କଳ ସମ୍ମିଳନୀର ବିଭିନ୍ନ ଶାଖା ମଧ୍ୟରେ ସମନ୍ୱୟର ଅଭାବ ପରିଲିଖିତ ହେଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିପତି ପଣ୍ଡା, ଅର୍ଜୁ ଦଳାଇ, ନର୍ମଙ୍କ ଭୂୟାଁ, ନରସିଂହ ଗୌଡ ଓ ଆର୍ତ୍ତତ୍ରଣ ଚଇନି ରାଜ୍ୟସ୍ତରୀୟ ଉତ୍କଳ ସମ୍ମିଳନୀରେ ଗଜପତି ଜିଲ୍ଲା ପକ୍ଷରୁ ଯୋଗ ଦେଇଥିଲେ।

